ପାଠ-୨୮

# ରତ୍ନାକରର ଜନ୍ମଦିନ

ଆଜି ରତ୍ନାକରର ଜନ୍ମଦିନ। ସେ ବଡ଼ିଭୋରରୁ ଉଠିଲା। ସ୍ନାନ ସାରିଲା। ଠାକୁରଙ୍କ ନିକଟକୁ ଯାଇ ପ୍ରଣାମ କଲା। ସାଙ୍ଗସାଥୀ ଆସିଲେ। ଉପହାର ଦେଲେ। ପୂଜାପାଇଁ ପଦ୍ମଫୁଲ ଅଣାଗଲା। ପୂଜା ଶେଷରେ ପ୍ରସାଦ ବଣ୍ଟାହେଲା। ଭିନ୍ନଭିନ୍ନ ପ୍ରକାର ମିଠା ଓ ଖିରି ତିଆରି ହେଲା। ସାଙ୍ଗସାଥୀମାନେ ଅନ୍ନ ଭୋଗ ଖାଇଲେ।



ରତ୍ନାକର ତା'ର ସାଙ୍ଗମାନଙ୍କୁ କହିଲା, "ଗଛଲତା କମିଯିବାରୁ ଆମର ବହୁତ କ୍ଷତି ହେଉଛି । ଜନ୍ମଦିନରେ ମୁଁ ଗୋଟିଏ ଗଛ ଲଗାଏ" । ସାଙ୍ଗମାନେ ଖୁସି ହୋଇ ଗଛ ଲଗାଇଲେ ।



# ଅଭ୍ୟାସ

**୧. ଚିତ୍ର ଦେଖି ପଢ଼ିବା ।**



ଜହ୍ନ



ପଦ୍ମ



ଜହ୍ନି

**୨. 'ନ' ଫଳା ଯୁକ୍ତ ଅକ୍ଷର ତଳେ ଗାର ଦେବା ।**

| | | | | |
|---|---|---|---|---|
| ଯତ୍ନ | ପତ୍ର | ରତ୍ନ | ମଗ୍ନ | କଇଁ |
| କାଉ | କାହ୍ନୁ | କୋଇଲି | ଗୌରବ | ଜହ୍ନି |

**୩.**



ଜହି

ଉପର ଚିତ୍ର ଦେଖି ଠିକ୍ ଜାଗାରେ 'ନ'ଫଳା ଦେବା ଓ ପଢ଼ିବା ।

**୪. ମିଳିମିଶି ଗାଇବା ।**

ଜହ୍ନିଫୁଲ ଠୋ-ଠା    କାକୁଡ଼ି ଫୁଲ ଠୋ-ଠା,
କହ୍ନେଇ ଭାଇ କହି ଯାଇଛି    ବଂଶୀଟିଏ ଥୋଇ ଥା ।

୫. କ) ଖାଲିଘରେ 'ନ୍ନ' ଲେଖିବା ଓ ପଢ଼ିବା ।

ଭି ☐ ଅ ☐ ଛି ☐

ଖ) 'ନ' ଫଳା ଥାଇ ଆଉ କେତୋଟି ଶବ୍ଦ ଲେଖିବା ।

୬. ଆସ, '୍ମ' ମ-ଫଳା ଥିବା ଅକ୍ଷରକୁ ଗୋଲ୍ ବୁଲାଇବା ।

ଭୀଷ୍ମ ଯତ୍ନ ଲକ୍ଷ୍ମୀ ଭିନ୍ନ

ବାଲ୍ମୀକି ସ୍ନାନ ସ୍ମରଣ ଚିହ୍ନ

୭. ଆସ ତଳେ କ'ଣ ଲେଖାହୋଇଛି ପଢ଼ିବା ଓ ◯ ଭିତରେ ଥିବା ଅକ୍ଷରରେ '୍ମ' ଲଗାଇ ପଢ଼ିବା ।

ପ(ଦ) ଜ(ନ) (ସ)ରଣ ବା(ଲୀ)କି

୮. ପଢ଼ିବା ।

ଭାରତ ଆମ ଜନ୍ମଭୂମି
ସରଗଠାରୁ ବଡ଼,
ତାହାରି ଟେକ ରଖିବା ଆମେ
ଆସୁ ବିପଦ ଝଡ଼ ।

୮. ଛବି ଦେଖିବା, ଛବିକୁ ମିଶାଇ ପଢ଼ିବା ଓ କ'ଣ ହେବ କହିବା ।


ନ ଘଷିଲେ —


ସଫା ନ କଲେ —


ସଫା ନ କଲେ —


ନ କାଟିଲେ —

୯. ଚିତ୍ରର କ୍ରମକୁ ଦେଖି ଖାଲି ଘରେ ଚିତ୍ର କରିବା ।



୧୦.



ଉପର ଚିତ୍ର ଦେଖି ବିଭିନ୍ନ ଆକୃତିଗୁଡ଼ିକୁ ଗଣି ଖାଲି ଘରେ ଲେଖିବା ।



| | |
|---|---|
| ସବୁଠାରୁ ଅଧିକ ଥିବା ଚିତ୍ର ☐ ଟି ଅଛି । | ସବୁଠାରୁ କମ୍‌ଥିବା ଚିତ୍ର ☐ ଟି ଅଛି । |
| ☐ | ☐ |
| ଖାଲି ଘରେ ସବୁଠୁ ବେଶି ଥିବା ଚିତ୍ରରୁ ଗୋଟିଏ କର । | ଖାଲି ଘରେ ସବୁଠୁ କମ୍ ଥିବା ଚିତ୍ରରୁ ଗୋଟିଏ କର । |

୧୧. ତୁମ ବାପା, ମା', ଦାଦା, ବଡ଼ଭାଇ, ବଡ଼ଭଉଣୀଙ୍କର ଏକ ହାତ ତୁମ ହାତରେ କେତେ ଚାଖଣ୍ଡ ଓ କେତେ ଆଙ୍ଗୁଳି ହେଲା ମାପି ତଳ ଖାଲି ଘରେ ଲେଖ ।

| | |
|---|---|
| ବାପା | _____ ଚାଖଣ୍ଡ _____ ଆଙ୍ଗୁଳି |
| ମା' | _____ ଚାଖଣ୍ଡ _____ ଆଙ୍ଗୁଳି |
| ଦାଦା | _____ ଚାଖଣ୍ଡ _____ ଆଙ୍ଗୁଳି |
| ବଡ଼ଭାଇ/ବଡ଼ ଭଉଣୀ | _____ ଚାଖଣ୍ଡ _____ ଆଙ୍ଗୁଳି |

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଯେଉଁ ଅଭ୍ୟାସ କାର୍ଯ୍ୟର ସୂଚନା ପିଲା ବୁଝିବାରେ ଅସୁବିଧା ହେବ ଶିକ୍ଷକ ଉଦାହରଣ ଦେଇ ବୁଝାଇଦେବେ। ଅଭ୍ୟାସ ୩ ର ଗୀତ ପରି ଅନ୍ୟ ଛୋଟ ଗୀତ ସଂଗ୍ରହ କରି ବୋଲା ହେବ।

- ଅଭ୍ୟାସ ୮ର କାମ ସହ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ନେଇ ମଧ୍ୟ ଶିକ୍ଷକ ଆଲୋଚନା କରିବା ଆବଶ୍ୟକ।

- ଅଭ୍ୟାସ ୯, ୧୦ ଓ ୧୧ ପ୍ରତ୍ୟେକ ପାଇଁ ସେହି ଜାତୀୟ ଅଧିକ କାର୍ଯ୍ୟ ମଧ୍ୟ ହେବା ଆବଶ୍ୟକ।

- ୩୦ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ ' ନ' ଫଳା, 'ମ' ଫଳା ପଢ଼ିବା ଓ ଲେଖିବା, ପରିବାର ସଦସ୍ୟ ଓ ବନ୍ଧୁଙ୍କ ସହ ଉତ୍ତମ ବ୍ୟବହାର କରିବା, ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଫାସୁତୁରା ରଖିବା, ଯୁକ୍ତିଯୁକ୍ତ ବିଚାର କରିବା, ଦୃଶ୍ୟ ସଂଗ୍ରହ କରିବା, (ମାପରୁ) ତଥ୍ୟ ସଜାଇବା ଓ ତଥ୍ୟର ବ୍ୟାଖ୍ୟା କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।

# ମୁଁ କ'ଣ ଶିଖିଲି ?

| | | | | | | | |
|---|---|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ | ଋ | ୠ |
| | | ଏ | ଐ | ଓ | ଔ | | |

| | | | | | | |
|---|---|---|---|---|---|---|
| | କ | ଖ | ଗ | ଘ | ଙ | |
| | ଚ | ଛ | ଜ | ଝ | ଞ | |
| | ଟ | ଠ | ଡ | ଢ | ଣ | |
| | ତ | ଥ | ଦ | ଧ | ନ | |
| | ପ | ଫ | ବ | ଭ | ମ | |
| ଯ | ର | ଲ | ୱ | ଶ | ଷ | ସ |
| ହ | କ୍ଷ | ୟ | ଳ | ଡ଼ | ଢ଼ | |
| ଂ | ଃ | ଁ | ୍ | | | |

ମାତ୍ରା : ା ି ୀ ୁ ୂ ୃ େ ୈ ୋ ୌ

ଯୁକ୍ତାକ୍ଷର : ଙ୍କ ଙ୍ଖ ଙ୍ଗ ଙ୍ଘ ଞ୍ଚ ଞ୍ଛ ଞ୍ଜ ଞ୍ଝ ଣ୍ଟ ଣ୍ଡ

ଫଳା : ୍ର ୍ବ ୍ମ

BDG-KESHARI ENT.

# ସର୍ବ ଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ



ଏହି ପାଠ୍ୟପୁସ୍ତକ ସର୍ବଶିକ୍ଷା ଅଭିଯାନ ତରଫରୁ ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ର, ଛାତ୍ରୀ ଏବଂ ସାଧାରଣ ବର୍ଗର ଛାତ୍ରୀମାନଙ୍କ ମଧ୍ୟରେ ବିନାମୂଲ୍ୟରେ ବିତରଣ ପାଇଁ ଉଦ୍ଦିଷ୍ଟ । ଏହା ବିକ୍ରୟ କରାଯାଇ ପାରିବ ନାହିଁ । ସାଧାରଣ ବର୍ଗର ଛାତ୍ରମାନଙ୍କୁ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଦିଆଯାଉଛି ।

ମୁଦ୍ରଣ : ପାଠ୍ୟ ପୁସ୍ତକ ମୁଦ୍ରଣାଳୟ, ଭୁବନେଶ୍ୱର - ୧



ମୂଲ୍ୟ :

ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ଓଡ଼ିଶା, ଭୁବନେଶ୍ୱର